
ବଣମଲ୍ଲୀର ମହକ
ଅଗଷ୍ଟ ଇ-ବୁକ ୨୦୨୧

# ପ୍ରଥମ ବର୍ଷା – ଶିଶୁକବି ରୁଦ୍ରରୂପା ବ୍ରହ୍ମା

August 13, 2021



ରବିର କିରଣେ ପୃଥିବୀ ଆମର
ଅହା କି ଗରମ ଥିଲା ।
ତାହାରି ଭିତରେ ପ୍ରଥମ ବରଷା
ନୂତନ ଜୀବନ ଦେଲା ।।

ଶୁଖିଲା ଟାଙ୍ଗରା ନିରସ ମାଟିଟା
ପାଣିକୁ ଅନାଇ ଥିଲା ।
ନୂଆ ବରଷାର ପ୍ରଥମ ଜଳରେ
ଶାନ୍ତି ଟିକେ ଦେଇଗଲା ।।

ଗଛର ବ୍ୟାକୁଳ ଶୁଖିଲା ପତର
ବରଷାକୁ ଖୋଜୁଥିଲା ।
ତା'ର ଦୁଃଖ ଦେଖି କଳାମେଘ ଆସି
ପାଣି ଢାଳିଦେଇଗଲା ।।

ମଣିଷଟା ପରା ବରଷା ଜଳକୁ
ବରଷ ପରେ ଦେଖିଲା ।
ପ୍ରଥମ ବର୍ଷାର ପହିଲି ବିନ୍ଦୁରେ
ମନ ଖୁସି ହୋଇଗଲା ।।

ସୁନ୍ଦର ଆକାଶେ କଳାମେଘ ଦେଖି
ମୟୂର ଅଣ୍ଟା ଭାଙ୍ଗିଲା ।
ବେଙ୍ଗ ବେଙ୍ଗୁଲୀର କେଁଏ କଟରରେ
ପ୍ରକୃତି ହସି ଉଠିଲା ।।

ଖୁସିରେ ଖୁସିରେ ଜୀବଜଗତଟା
ବର୍ଷାକୁ ସ୍ୱାଗତକଲା ।
ଆମ ସମସ୍ତଙ୍କ ମଙ୍ଗଳସକାଶେ
ବରଷା ଋତୁ ଆସିଲା ।।


ସପ୍ତମ ଶ୍ରେଣୀ
ଚିକିଟୀ ଗଡ଼, ଗଞ୍ଜାମ, ଫୋନ୍ ନଂ 9437858788

# ସହର – ଡକ୍ଟର ମାଙ୍ଗଳିକା ମହାପାତ୍ର

August 13, 2021



ଏଇ ସହରରେ …
ଅଝଟିଆ ପବନ ବହେନା
ସୁରଭିତ ଫୁଲର ବାସ୍ନା ଆସେନା
କାଗଜି ଫୁଲର ମାୟାରେ
ସଭିଏଁ ବିଭୋର …
ଏଠି କାଶତଣ୍ଡୀ ଫୁଲ
ଦେଖିବାକୁ ମିଳେନା ..

ସକାଳେ ଚାଳଘରୁ
ଧୂଆଁ ବାହାରେନା ..
ଗାଁ ମୁଣ୍ଡ ଚା ଦୋକାନ
ପ୍ରେମରେ କେହି ପଡେନା
ଏଠି ଓମଫେଡ ଦୋକନେ
ଖବର କାଗଜ ପଢା ସହିତ
ଚା ପିଇବାରେ ମନ ମାନେନା

ଏଠି ସତ ନାଆଁରେ
ଖାଲି ପୁଳାଏ ମିଛ ..
ବିଶ୍ୱାସ ନାଆଁ ରେ ମିଳେ
ବିଶ୍ୱାସଘାତକତା ର ଗଛ
ଏଠି ମିଳେନା ସେ ଗାଁ…
ଆମ୍ବ ତୋଟା ଓ ପଣସ ଗଛର ଛାଇ
ଯୋଉଠି ଜେଜେ ଘୁରି ବୁଲନ୍ତି
ନିଜ ବଙ୍କୁଲି ବାଡି ହଜେଇ ..

ବହେନା ଏଠି ନଈ
କୁଳୁ କୁଳୁ ଗୀତ ଗାଇ
ଯୋଉଠି ଯାଏ ବାଟୋଇ
ନିଜକୁ ପ୍ରକୃତି କୋଳରେ ହଜାଇ

ଏଠି ଧୂ ଧୂ ଖରାବେଳେ
ଜଳେ ସେ ଗଛର ତଳେ
ଚାରିଆଡେ ଖାଲି କଂକ୍ରିଟ ର ଜଙ୍ଗଲ
ଖୋଜି ପାଏନା ଯୋଉଠି
ସେ ସମ୍ପର୍କର ମୂଳ …

ଡଃ ମାଙ୍ଗଳିକା ମହାପାତ୍ର
ରେଭେନସା ବିଶ୍ୱବିଦ୍ୟାଳୟ

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ମୁଁ ଚାଷୀ – ସୁଧାକର ସେଠୀ

August 31, 2021



ଚାଷ ମୋ ସପନ
ଅନ୍ଧାରି ମୂଲକେ ଆଶାର କିରଣ
ଜୀବନର ସେ ମଧୁଝରା ଗୀତି
ମୁଁ ଚାଷୀ,ନାହିଁ ମୋର ଭୟ ଭୀତି
ଆସୁ ଝଡ ଆସୁ ବତାସ
ହେଉ ଅଶା ମରୁଡି
ବାହୁରେ ମୋର ଅଛି ଭରସା
ଯାଇନି କେବେ ଚହଲି ।

ମୁଣ୍ଡରେ ଠେକା ଭିଡିଲେ ମୁଁ
ବଦଳାଏ କରମ ରେଖା
ଚାଷ ମୋର ଜୀବନର ପଥ
ଚାଷ ମୋର ବେଉସା ।।୨।।

ସଭିଙ୍କ ମୁହଁରେ ଦେବାକୁ ଆହାର
ଦେଖାଇ ଥାଏ ମୁଁ ଛାତି
ଖରା ବରଷା ନଥାଏ ଫରକ
ସବୁ ଥିରେ ମୁଁ ଖୁସି
ମୁଁ ଚାଷୀ, ସକାଳୁ ସଞ୍ଜ
ବିତେ ହିଡ ମୁଣ୍ଡେ
ଭୁଲେନି ମୋ ସ୍ଥିତି ।
ମୁଁ ଚାଷୀ, ଚାଷ ମୋ ସପନ
ଜୀବନର ଜୟ ଗୀତି ।

ଜମ୍ବେଶ୍ବରପୁର, ବାଲେଶ୍ଵର
ଦୂରଭାଷ ୯୩୩୭୬୮୧୫୨୪

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ